# ପିଲାମାନଙ୍କ ପାଇଁ ବାଇବଲ

ଉପହାର

## ମନୁଷ୍ୟ ନିମନ୍ତେ ଦୁଃଖର ଆରମ୍ଭ



ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Tammy S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2013 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟେକ ବସ୍ତୁକୁ ନିର୍ମାଣ କଲେ!




ଯେତେବେଳେ ପରମେଶ୍ୱର
ପ୍ରଥମ ମନୁଷ୍ୟ ଆଦମକୁ ନିର୍ମାଣ
କଲେ, ସେ ତାଙ୍କର ଭାର୍ଯ୍ୟା ହବାଙ୍କ
ସହିତ ଏଦନ ଉଦ୍ୟାନରେ
ବାସକରୁଥିଲେ, ...

... ଯେ ପର୍ଯ୍ୟନ୍ତ, ସେମାନେ ସଂପୁର୍ଣ୍ଣ
ଆନନ୍ଦରେ ପ୍ରଭୁଙ୍କର ଆଜ୍ଞାପାଳନ
କରୁଥିଲେ ଏବଂ ସେମାନେ
ପ୍ରଭୁଙ୍କର ଉପସ୍ଥିତିରେ
ଆନନ୍ଦ ଉପଭୋଗ
କରୁଥିଲେ
ଯେଉଁ
ଦିନ କି ...





ସର୍ପ ନାରୀଙ୍କୁ
କହିଲା, ଆଗୋ,
ଏକି ସତ୍ୟ ଉଦ୍ୟାନର
କୌଣସି ଫଳ ଖାଇବାକୁ
ପରମେଶ୍ୱର ତୁମ୍ଭମାନଙ୍କୁ
ନିଷେଧ କରିଅଛନ୍ତି, ...



... ନାରୀ ସର୍ପକୁ
କହିଲା ଆମ୍ଭେମାନେ
ଉଦ୍ୟାନର ମଧ୍ୟସ୍ଥ
ବୃକ୍ଷର ଫଳକୁ ଛାଡ଼ି
ସମସ୍ତ ବୃକ୍ଷର ଫଳ
ଖାଇପାରୁ ।



ହବା ଉତ୍ତର
ଦେଲେ । ଯଦି
ଆମ୍ଭେ ତାହା ଖାଉ
ବା ଛୁଉଁ ତେବେ ଆମ୍ଭେ ନିଶ୍ଚୟ
ମରିବୁ । ସର୍ପ ନାରୀଙ୍କୁ କହିଲେ
ତୁମ୍ଭେମାନେ କୌଣସି
ରୂପେ ମରିବ ନାହିଁ ।



ବରଂ ତୁମ୍ଭେମାନେ
ପରମେଶ୍ୱରଙ୍କ ପରି
ହେବ । ହବା ସେହି
ବୃକ୍ଷର ଫଳ ପାଇଁ ବାଞ୍ଛନୀୟ
ହେଲେ । ହବା ସର୍ପର କଥା ଶୁଣି
ସେହି ବୃକ୍ଷର ଫଳ
ତୋଳି ଖାଇଲା ।

ହବା ପରମେଶ୍ୱରଙ୍କ ଆଜ୍ଞା
ଅମାନ୍ୟ କଲେ, ଆଉ ସେ ତାଙ୍କ
ସ୍ୱାମିଙ୍କୁ ମଧ୍ୟ ସେହି ବୃକ୍ଷର ଫଳ
ଖାଇବାକୁ ପଥ ଦେଖାଇଲେ
ଆଉ ଆଦମ
ମଧ୍ୟ ତାହା
ଖାଇଲେ ।



ଆଦମ କହିବାର ଉଚିତ ଥିଲା
ଯେ, ନାହିଁ! ମୁଁ ପରମେଶ୍ୱରଙ୍କ
ଆଦେଶକୁ ଅମାନ୍ୟ
କରିବି ନାହିଁ ।





ଯେତବେଳେ
ଆଦମ ଓ ହବା ପାପ କଲେ, ସେମାନେ
ନିଜର ଉଲଂଗ୍ନ ଥିବାର ଜାଣିପାରିଲେ ।



ତହିଁରେ ସେମାନେ
ଡିମ୍ବିରି ବୃକ୍ଷର ପତ୍ର ସିଂଇ ଘାଗରା ବନାଇ
ପରିଧାନ କଲେ, ଆଉ ସେମାନେ ପ୍ରଭୁଙ୍କ ଛାମୁରୁ
ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ ।


ସଦାପ୍ରଭୁ ପରମେଶ୍ୱର ସଂନ୍ଧ୍ୟାର ଶୀତଳ
ସମୟରେ ଏଦନ ଉଦ୍ୟାନକୁ ଆସିଲେ ।
ସଦାପ୍ରଭୁ ପରମେଶ୍ୱର ଜାଣଥିଲେ
ଆଦମ ଓ ହବା ଯାହାକିଛି ପାପ
କରିଥିଲେ । ଆଦମ ହବାଙ୍କୁ
ନିନ୍ଦା କଲେ । ହବା
ସର୍ପକୁ ନିନ୍ଦା
କଲେ ।

ପରମେଶ୍ୱର କହିଲେ, ସର୍ପ ଅଭିଶପ୍ତ ହେଲା । ସନ୍ତାନ ପ୍ରସବ କରିବା ସମୟରେ ସ୍ତ୍ରୀ ଲୋକ ଯନ୍ତ୍ରଣା ଅନୁଭବ କରିବେ ।



ଆଦମ, ପାପ କରିଥିବା ସକାଶୁ ପରମେଶ୍ୱର
କଣ୍ଟା ଏବଂ ବିଶିଷ୍ଟ କଣ୍ଟକମୟ ଉଭିଦ
ସହିତ ପୃଥିବୀକୁ ଅଭିଶପ୍ତ କଲେ ।
ତୁମ୍ଭେ କଠିନ ପରିଶ୍ରମ କରି ମୁଖର
ଝାଳ ବୁହାଇଲେ ହେଁ ଦୈନିକ
ଆହାର ପାଇବ ।





ସଦାପ୍ରଭୁ ସେମାନଙ୍କୁ
ସୌନ୍ଦର୍ଯ୍ୟମୟ
ଏଦନ
ଉଦ୍ୟାନରୁ
ତଡ଼ିଦେଲେ ।



କାରଣ ସେମାନେ ପାପ
କଲେ, ଆଉ ସେମାନେ
ଜୀବନ ଦାତା
ସଦାପ୍ରଭୁଙ୍କଠାରୁ
ପୃଥକ୍
ହେଲେ!


ସଦାପ୍ରଭୁ ପରମେଶ୍ୱର
ସେମାନଙ୍କୁ ତଡ଼ିବାକୁ
ଏକ ପ୍ରଜ୍ୱଳିତ
ଖଡ୍ଗ ନିର୍ମାଣ
କଲେ ।



ସଦାପ୍ରଭୁ ଆଦମ ଓ ହବାଙ୍କ
ପାଇଁ ଚର୍ମର ବସ୍ତ୍ର ପ୍ରସ୍ତୁତ
କଲେ । କେଉଁଠାରୁ ଏହି
ଚର୍ମ ସଦାପ୍ରଭୁ
ଆଣିଲେ?

ସମୟାନୁ କ୍ରମେ, ଆଦମ ଓ ହବାଙ୍କର ଏକ
ପରିବାର ଜାତ ହେଲା । ସେମାନଙ୍କର ପ୍ରଥମ ପୁତ୍ର
କୟିନ, ସେ କୃଷକ ଥିଲେ ।
ସେମାନଙ୍କର ଦ୍ୱିତୀୟ
ପୁତ୍ର ହେବଲ,
ସେ
ମେଷପାଳକ
ଥିଲେ ।



ସମୟାନୁ କ୍ରମେ, ଦିନେ କୟିନ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଭୂମିରୁ ଉତ୍ପନ୍ନ ଫଳଆଣି ଉତ୍ସର୍ଗ
କଲେ ।



ପୁଣି ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ
କେତେକ ମେଷ ଓ ସେମାନଙ୍କ ମେଦ ଉତ୍ସର୍ଗ
କଲେ । ସଦାପ୍ରଭୁ ହେବଲ ଓ
ତାଙ୍କ ନୈବେଦ୍ୟକୁ
ଗ୍ରହଣ
କଲେ ।



ମାତ୍ର କୟିନଙ୍କୁ ଓ ତାଙ୍କ
ନୈବେଦ୍ୟକୁ ଅଗ୍ରାହ୍ୟ କଲେ ।
ଏହେତୁ କୟିନ ଅତି କ୍ରୋଧ
କରି ଅଧୋମୁଖ ହେଲେ ।



କିନ୍ତୁ ପରମେଶ୍ୱର କୟିନଙ୍କୁ
କହିଲେ, ତୁମ୍ଭେ ଯଦି ସତ୍କର୍ମ
କଲ, ତୁମ୍ଭେ କି ଗ୍ରହ୍ୟ
ହୋଇନଥାନ୍ତ?




କୟିନଙ୍କର କ୍ରୋଧ ଗତ ହେଲାନାହିଁ । କଛି ସମୟ ପରେ, ସେମାନେ କ୍ଷେତରେ ଥିବା ବେଳେ କୟିନ ଆପଣା ଭାଇ ହେବଲଙ୍କୁ ଆକ୍ରମଣ କରି ବଧ କଲା !

ସଦାପ୍ରଭୁ ପରମେଶ୍ୱର କୟିନଙ୍କୁ ପଚାରିଲେ, ତୁମ୍ଭ ଭାଇ ହେବଲ କେଉଁଠାରେ ସେ କହିଲେ, ମୁଁ ଜାଣେ ନାହିଁ, କୟିନ ମିଥ୍ୟା କହିଲେ ।



ମୁଁ କ'ଣ ମୋ ଭାଇର ରକ୍ଷକ ଆଉ ପରମେଶ୍ୱର
କୟିନଙ୍କୁ ତାଙ୍କର କୃଷିକର୍ମର ଦକ୍ଷତା ହରଣ
କରି ଦଣ୍ଡ ପୃଥିବୀରେ ତୁମ୍ଭେ
ପୃଥିବିରେ ପଳାତକ ଓ
ଭ୍ରମଣକାରୀ ହେବ ।



ଆଉ ପ୍ରଭୁଙ୍କ ସମ୍ମୁଖରୁ ଗୁପ୍ତ ରହିଲେ ଏବଂ ସେହିସ୍ଥାନରୁ ପ୍ରସ୍ଥାନ କଲେ । ପୁଣି ସେ ଆଦମ ଓ ହବାଙ୍କର ପୁତ୍ର କନ୍ୟାକୁ ବିବାହ କଲେ । ପୁଣି ସେମାନେ



ଏକ ପରିବାର ହୋଇ ବଂଶବୃଦ୍ଧି ପ୍ରାପ୍ତ କଲେ ।

ଅତିଶିଘ୍ର କୟିନଙ୍କର ନାତି, ନାତୁଣି, ବଡ଼
ନାତି ଏବଂ ନାତୁଣିମାନେ କଇନଙ୍କ
ଆବିସ୍କାର କରିଥିବା ନଗରରେ
ପରିପୂର୍ଣ୍ଣ ହେଲେ ।



ଇତିମଧ୍ୟରେ, ଆଦମ ଏବଂ ହବାର ପରିବାର ବହୁଶିଘ୍ର ବୃଦ୍ଧିପ୍ରାପ୍ତ ହେଲା ।



ସେହି ସମୟର ଲୋକମାନେ ଆଜିକାର ଲୋକମାନଙ୍କ ଅପେକ୍ଷା ଅନେକ ବର୍ଷ ଧରି ଜୀବିତ ରହି ପାରୁଥିଲେ ।



ଯେତେବେଳେ ତାଙ୍କ ପୁତ୍ର ସେଥ ଜନ୍ମ
ହେଲା, ହବା କହିଲେ, ପରମେଶ୍ୱର
ମୋତେ ହେବଲଙ୍କ ସ୍ଥାନରେ ଏକ
ପୁତ୍ର ପ୍ରଦାନ କରିଛନ୍ତି ।



ଶେଥ ଏକ ଧାର୍ମୀକ ବ୍ୟକ୍ତି ଥିଲେ, ଯିଏ ସର୍ବମୋଟ ୯୧୨ ବର୍ଷ ଜୀବିତ ରହିଥିଲେ ଏବଂ ତାଙ୍କର ଅନେକ ସନ୍ତାନ ସନ୍ତତି ଥିଲେ ।



ଏହି ପୃଥିବୀର ଗୋଟିଏ ବଂଶ ଅନ୍ୟ ଏକ ବଂଶର ଅନୁକରଣ କଲେ ଏବଂ ମନୁଷ୍ୟର ଦୁଷ୍ଟତା ଅତିଶୟ ବଢ଼ିଗଲା ।



ଅନ୍ତିମରେ ମାନବ ଜାତିକୁ ବିନଷ୍ଟ କରିବାକୁ ପରମେଶ୍ୱର ନିଷ୍ପତି କଲେ । ପୁଣି ...




... ପ୍ରତ୍ୟେକ ପଶୁ ଏବଂ ପକ୍ଷୀମାନଙ୍କୁ ।
ପୃଥିବୀରେ ମନୁଷ୍ୟକୁ ନିର୍ମାଣ
କରିବା ଶକାସୁ ସଦାପ୍ରଭୁ
ଅନୁତାପ କରି
ମନରେ
ଦୁଃଖିତ
ହେଲେ ।

ମାତ୍ର ଜଣେ ବ୍ୟକ୍ତି
ସଦାପ୍ରଭୁଙ୍କୁ ସନ୍ତୁଷ୍ଟ
କଲେ ।



ଆଉ ନୋହ ସେହି ବ୍ୟକ୍ତି ଥିଲେ । ଶେଥର ବଂଶାବଳୀ, ନୋହ ଏକ ଧାର୍ମିକ ଓ ସାଧୁ ବ୍ୟକ୍ତି ଥିଲେ । ସେ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ।



ନୋହ ତାଙ୍କରି ତିନି ପୁତ୍ରଙ୍କୁ
ମଧ୍ୟ ପ୍ରଭୁଙ୍କର ଆଜ୍ଞାକାରି
ହେବା ଶିଖାଇଲେ ।




ଆଉ ବର୍ତ୍ତମାନ ଏକ ସ୍ୱତନ୍ତ
ଭାବରେ ପରମେଶ୍ୱର
ନୋହଙ୍କୁ ବ୍ୟବହାର କରିବା
ପାଇଁ ଯୋଜନା
କଲେ ।

# ମନୁଷ୍ୟ ନିମନ୍ତେ ଦୁଃଖର ଆରମ୍ଭ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩-୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬